Chapter- 9

# ରମ୍ଭା ନୂଆ ଜାଗା ଦେଖିଲା

## STUDY NOTES

୧. ପାଠରେ 'ମ୍ପ' ଅକ୍ଷର ଥିବା ଶବ୍ଦ ଚାରିପଟେ ଗୋଲ ◯ ବୁଲାଅ ଓ 'ମ୍ଫ' ଅକ୍ଷର ଥିବା ଶବ୍ଦକୁ ତ୍ରିଭୁଜ △ ମଧ୍ୟରେ ରଖ।

ଚମ୍ପା, ପମ୍ପ
କମ୍ପାଉଣ୍ଡର

ବାମ୍ଫୀ

୨. ଠିକ୍ ବନାନ୍ କରି ପଢ଼।

| | | |
|---|---|---|
| ଚମ୍ପା | କମ୍ପାସ | ଫମ୍ପା |
| ଚମ୍ପକ | ସିମ୍ପାଞ୍ଜି | ଗୁମ୍ଫା |

୩. ପଢ଼ ଓ ଲେଖ।

| | | |
|---|---|---|
| ସମ୍ପଦ | ଡାମ୍ପଣି | ଲମ୍ଫ |
| କମ୍ପନ | ବାମ୍ଫ | ବାମ୍ଫୀ |

୪. ତଳ ଲେଖାଟିକୁ ପଢ଼। 'ମ୍ଭ' ଥିବା ଶବ୍ଦ ତଳେ ଗାର ଦିଅ ଓ 'ମ୍ବ' ଥିବା ଶବ୍ଦ ଉପରେ ଗାର ଦିଅ।

''ସମ୍ବଲପୁର ଜିଲ୍ଲାରେ ଆମ୍ବଝର ଗାଁ। ସେଠାରେ ବାନାମ୍ବର କୁମ୍ଭାର ରହେ। ତା'ର ବୟସ ପ୍ରାୟ ଚବିଶ କି ପଚିଶି। ଦେଖିବାକୁ ଡେଙ୍ଗା, ଗୋରା, ଓସାରିଆ ଛାତି, ଲମ୍ବା ଲମ୍ବା ହାତ। ସେ ବେଶ୍ ଦମ୍ଭିଲା ଦେଖାଯାଏ। ବିପଦ ଆପଦ ଆସିଲେ ଭୟ କରେ ନାହିଁ। ସେ କହେ, ଅସମ୍ଭବ ବୋଲି କିଛି ନାହିଁ। ଆମେ ଚାହିଁଲେ ସବୁକିଛି ସମ୍ଭବ ହୋଇପାରିବ।

ODM EDUCATIONAL GROUP Changing your Tomorrow

**୫. ଠିକ୍ ବନାନ୍ କରି ପଢ଼ ।**

| | | | |
|---|---|---|---|
| ଖମ୍ଭ | କମ୍ବଳ | ଦମ୍ଭ | ସମ୍ଭବ |
| ଆମ୍ବ | କଦମ୍ବ | ତୁମ୍ଭେ | ନିମ୍ବଗଛ |
| ଲମ୍ବ | ଶିମ୍ବଲତା | କୁମ୍ଭୀର | ଗମ୍ଭୀର |

**୬. ପଢ଼ ଓ ଲେଖ ।**

| | | | |
|---|---|---|---|
| ଏକନମ୍ବର | ଶାମ୍ବଦଶମୀ | ଅସମ୍ଭବ | କୁମ୍ଭକଳସ |
| ସୂଚୀଚୁମ୍ବକ | ମୁମ୍ବାଇନଗରୀ | ଅସମ୍ଭାଳ | ନୀଳ ଅମ୍ବର |

**୭. ଆସ ଗାଇବା ।**

''ଆମ୍ବ ବଉଳଇ ଫଗୁଣମାସେ,

ଦିଗ ଚହଟଇ ତା'ର ସୁବାସେ''

**୮. ତଳେ ଥିବା ଶବ୍ଦଗୁଡ଼ିକୁ ପଢ଼ ଓ ତୁମ ସାଙ୍ଗକୁ ଲେଖିବାକୁ କୁହ ।**

କମ୍ପାସ, ଗୁମ୍ଫା, ଡାମ୍ଫଣ, ସମ୍ପଦ, ଅସମ୍ଭବ,

ଗମ୍ଭୀର, ଚୁମ୍ବକ, କମ୍ବଳ, କଦମ୍ବ, ସମ୍ବାଦ

**୯. ପଢ଼, ଲେଖ ଓ ମନେରଖ ।**

ଗୁମ୍ଫାଟି ଅତି ସୁନିର୍ମଳ, ବାମ୍ଫୀର ଜଳ ସୁଶୀତଳ ।

ସମ୍ପଦ କାଳେ ସର୍ବେ ସଖା, ବିପଦେ ନ ଦିଅନ୍ତି ଦେଖା ।

କୁମ୍ଭୀର ବଡ଼ ଭୟଙ୍କର, ନାଶଇ କେତେ ନାରୀ ନର ।

**୧୦. 'ମ୍ଭ' ଥିବା ଶବ୍ଦଗୁଡ଼ିକ ନିକଟରେ ଥିବା ବିନ୍ଦୁଗୁଡ଼ିକୁ ଯୋଡ଼ି କେଉଁ ଚିତ୍ରଟି ପାଉଛ ଦେଖ ।**

ODM EDUCATIONAL GROUP Changing your Tomorrow




୧୧. ଚିତ୍ର ଦେଖି ପୁରା ନାମ ଲେଖ।


ଡାମ୍ପଣ


କଦମ୍ବଫୁଲ


କୁମ୍ଭୀର


ସିମ୍ପାଞ୍ଜି


କମ୍ପାସ


ଚମ୍ପାଫୁଲ


ବାମ୍ପୀ


କମ୍ବଳ

ODM EDUCATIONAL GROUP Changing your Tomorrow

୧୨. କ) ‘ମ୍ପ’, ‘ମ୍ପା’, ‘ମ୍ପି’ ଅକ୍ଷର ମଧ୍ୟରୁ ଠିକ୍ ଅକ୍ଷର ବାଛି ଖାଲିଜାଗା ପୂରଣ କର।

କମ୍ପ, ପାମ୍ପଡ଼, ଝାମ୍ପ

ତମ୍ପ, ଅଲିମ୍ପିକ, ସିମ୍ପାଞ୍ଜି

ଚମ୍ପା, କମ୍ପାସ ଅମ୍ପାୟାର

**ଖ) 'ମ୍ବ, ମ୍ବା, ମ୍ବି, ମ୍ବୁ, ମ୍ଭ' ମଧ୍ୟରୁ ଅକ୍ଷର ଲଗାଇ ଶବ୍ଦଟି ଲେଖ।**

| | | |
|---|---|---|
| ବିଳମ୍ବ, | ତମ୍ବାତାର, | ହମ୍ବାରଡ଼ି |
| କମ୍ବଳ, | ତମ୍ବୁ, | ଆମ୍ବିଳ |
| ଦମ୍ଭ, | ଗମ୍ବୁଜ | ଆମ୍ବୁଲ |

**୧୩. ସମ୍ପର୍କ ଥିବା ସ୍ଥାନ ସହିତ ଯୋଡ଼।**

ଏଠାରେ ରୋଗୀମାନଙ୍କୁ ପରୀକ୍ଷାକରି ଔଷଧ ଦିଆଯାଏ। ଡାକ୍ତର, ନର୍ସ, ଧାଇ, କମ୍ପାଉଣ୍ଡର ଏଠାରେ କାମ କରନ୍ତି।



ଏହା ଗାଆଁଗୁଡ଼ିକର ଭଲମନ୍ଦ ବୁଝେ। ରାସ୍ତାଘାଟ ମରାମତି, ପରିବେଶ ସଫାସୁତରା ରଖିବା ପୋଖରୀ ଖୋଳିବା ଇତ୍ୟାଦି କାର୍ଯ୍ୟ କରେ।



ପିଲାମାନେ ଏଠାରେ ପାଠ ପଢ଼ନ୍ତି। ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠପଢ଼ାନ୍ତି। ପିଲାମାନେ ପାଠପଢ଼ି ବଡ଼ମଣିଷ ହୁଅନ୍ତି।



**୧୪. ଅକ୍ଷରଗୁଡ଼ିକୁ ସଜାଡ଼ି ଶବ୍ଦ ଲେଖ।**

ଯେପରି: ମ୍ଭୀକୁର – କୁମ୍ଭୀର

| | | | | | |
|---|---|---|---|---|---|
| ବସମ୍ଭ | - | ସମ୍ଭବ, | ମ୍ବଚୁକ | - | ଚୁମ୍ବକ |
| ଡାଣମ୍ପ | - | ଡାମ୍ପଣ, | ରଆମ୍ଭ | - | ଆରମ୍ଭ |
| ସକମ୍ପା | - | କମ୍ପାସ, | ଗରୀମ୍ଭା | - | ଗମ୍ଭୀରୀ |
| କଳମ୍ବ | - | କମ୍ବଳ, | ନରମ୍ବ | - | ନମ୍ବର |

**୧୫. ଆସ, ଆମେ ଆଲୋଚନା କରିବା ଓ ଲେଖିବା।**

କ) ତୁମ ଘର କେଉଁ ଗ୍ରାମପଞ୍ଚାୟତରେ ଅଛି ?

ଉ: ଆମ ଘର କୁମ୍ଭାରପୁର ଗ୍ରାମପଞ୍ଚାୟତରେ ଅବସ୍ଥିତ।

ଖ) ତୁମ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ନାମ କ'ଣ ?

ଉ: ଆମ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ନାମ କାଶୀନାଥ ମୁଦୁଲି।

ଗ) ଗ୍ରାମପଞ୍ଚାୟତ କି କି କାମ କରେ ?

ଉ: ଗ୍ରାମପଞ୍ଚାୟତ ଗ୍ରାମସଡ଼କ ତିଆରି ଓ ମରାମତି କରେ। ଗ୍ରାମର ପୋଖରୀ ଖୋଳେ, ଗାଁର ଭଲମନ୍ଦ ବୁଝେ ଓ ଗାଁ ଲୋକମାନଙ୍କର ସମସ୍ୟା ଆଦି ସମାଧାନ କରେ।

ଘ) ତୁମେ ପଢୁଥିବା ବିଦ୍ୟାଳୟର ନାମ କ'ଣ ?

ଉ: ଆମେ ପଢୁଥିବା ବିଦ୍ୟାଳୟର ନାମ ହେଲା- ଓଡିଏମ୍ ପବ୍ଲିକ୍ ସ୍କୁଲ।

ଙ) ତୁମ ବିଦ୍ୟାଳୟରେ ପାଠପଢ଼ା ପୂର୍ବରୁ କରାଯାଉଥିବା ଦୁଇଟି କାର୍ଯ୍ୟ ଲେଖ।

ଉ: ଆମ ବିଦ୍ୟାଳୟରେ ପାଠପଢ଼ା ପୂର୍ବରୁ ପ୍ରାର୍ଥନା ସଭା ଓ ଦେଶବିଦେଶ ଖବର ସହିତ ଦୈନିକ ଅନୁଚିନ୍ତା ଆଲୋଚନା କରାଯାଏ।

**୧୬. ଠିକ୍‌ଟି ବାଛ।**

କ) ରୋଗ ହେଲେ କାହା ପାଖକୁ ଯିବା-

**ଡାକ୍ତର**, ଗୁଣିଆ, ବଇଦ

ODM EDUCATIONAL GROUP Changing your Tomorrow

**୧୭. ଆଲୋଚନା କରି ଲେଖିବା ।**

କ) ତୁମ ଅଞ୍ଚଳରେ ଡାକ୍ତରଖାନା ନଥିଲେ କ'ଣ ଅସୁବିଧା ହେବ ?

ଉ: ଆମ ଅଞ୍ଚଳରେ ଡାକ୍ତରଖାନା ନଥିଲେ-

- ଲୋକମାନେ ହଠାତ୍ ନିଜ ଦେହ ଖରାପ ସମୟରେ ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ପାଇପାରିବେ ନାହିଁ ।
- ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବେ ।
- ଚିକିତ୍ସା ଅଭାବରୁ ଅକାଳ ବିୟୋଗ ଘଟିପାରେ ।

ଖ) ତୁମ ଗାଁରେ ବିଦ୍ୟାଳୟ ନଥିଲେ ତୁମର କି ଅସୁବିଧା ହେବ ?

ଉ: ଆମ ଗାଁରେ ବିଦ୍ୟାଳୟ ନଥିଲେ-

- ଗାଁର ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେବେ ।
- ଗାଁର ପିଲାମାନେ ଶିକ୍ଷା ଅଭାବରୁ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବେ ।
- ଗାଁର ପିଲାମାନେ ଶିକ୍ଷା ଅଭାବରୁ ଚାଷକାମ, କାଠ କାଟିବା, ଗୋରୁ ଜଗିବା ଇତ୍ୟାଦି କାମରେ ନିଜକୁ ନିୟୋଜିତ ରଖିବା ସହିତ ଅଶିକ୍ଷିତ ହୋଇ ରହିବେ ।

ଗ) ତୁମ ଗାଆଁ ଲୋକଙ୍କର ଦେହ ଖରାପ ହେଲେ ସେମାନେ କେଉଁଠିକୁ ଯାଆନ୍ତି ଲେଖ ।

ଉ: ଆମ ଗାଁ ଲୋକଙ୍କର ଦେହ ଖରାପ ହେଲେ ସେମାନେ ବୈଦରାଜ ବା କବିରାଜ ଓ ପାଖ ଅଞ୍ଚଳରେ ଥିବା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଆନ୍ତି ।

ଘ) ତୁମ ବିଦ୍ୟାଳୟରେ କ'ଣ କ'ଣ ଅଛି ଲେଖ ।

ଉ: ଆମ ବିଦ୍ୟାଳୟରେ ଶ୍ରେଣୀଗୃହ, ପାଠାଗାର, ଖେଳପଡ଼ିଆ, ବାସ୍କେଟ୍‌ବଲ ପଡ଼ିଆ, ସୁଇମିଂ ପୁଲ୍, ପାର୍କ, ବଗିଚା, ମନ୍ଦିର ଇତ୍ୟାଦି ରହିଛି ।

ଙ) ତୁମ ଶ୍ରେଣୀ କୋଠରୀରେ କ'ଣ ସବୁ ଅଛି ଲେଖ ?

ଉ: ଆମ ଶ୍ରେଣୀ କୋଠରୀରେ କଳାପଟା, ଟେବୁଲ ଚୌକି, ମାନଚିତ୍ର, କମ୍ପ୍ୟୁଟର, ସ୍ମାର୍ଟବୋର୍ଡ୍, ବିଭିନ୍ନ ମହାପୁରୁଷଙ୍କ ଛବି ଆଦି ରହିଛି ।

♦♦♦

ODM EDUCATIONAL GROUP Changing your Tomorrow